## ହିମନ୍ତ ବିଶ୍ୱଶର୍ମାଙ୍କ କୁଶପୁତ୍ତଳିକା ଦାହ

ପାରଳାଖେମୁଣ୍ଡି,(ଗିରିଧାରୀ ପରିଚ୍ଛା): ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ନିକଟରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେଙ୍କ ବିରୋଧରେ କେତେକ ଆପତ୍ତିଜନକ ଟିପ୍ପଣୀ ଦେଇଥିଲେ। ଏହାକୁ ଦେଶବ୍ୟାପୀ କଂଗ୍ରେସ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି କ୍ରମରେ ପାରଳାଖେମୁଣ୍ଡି ସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ହିମନ୍ତ ବିଶ୍ୱଶର୍ମାଙ୍କ କୁଶପୁତ୍ତଳିକା ଦାହ କରାଯାଇ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା । ଜିଲା କଂଗ୍ରେସର ବରିଷ୍ଠ ନେତା ତ୍ରିନାଥ ପାତ୍ର , ପାପା ରାଓ, ଜନାର୍ଦ୍ଦନ ରାଓ, ଯୁବ ନେତା ସୂର୍ଯ୍ୟ ନାରାୟଣ ପାତ୍ର, ଜାସ୍ମିନ ଶେଖ, ରଞ୍ଜିତା ପାଣିଗ୍ରାହୀ ପ୍ରମୁଖଙ୍କ ସହ ବହୁ କଂଗ୍ରେସ କର୍ମୀ କୁଶପୁତ୍ତଳିକା ଦାହ କରିଥିଲେ।

## ସଂକ୍ଷେପରେ

### ଗ୍ୟାସ୍ ଲିକ୍‌ରୁ ପୋଡ଼ିହୋଇ ମହିଳା ଗୁରୁତର

ଭଞ୍ଜନଗର,୧୧।୪(ବାବୁଲା ପ୍ରଧାନ): ଭଞ୍ଜନଗର ବାଗ୍‌ଦେବୀ ରୋଡରେ ଶନିବାର ମଧ୍ୟାହ୍ନରେ ଘରେ ରନ୍ଧନ ଗ୍ୟାସ୍ ଲିକ୍‌ରୁ ନିଆଁରେ ପୋଡିହୋଇ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ବିଜେତା ସେନାପତି। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ପ୍ରକାଶ ଯେ, କୁଲାଡର୍ ଚନ୍ଦ୍ର ଶେଖର ସେନାପତି, ତାଙ୍କ ସ୍ତ୍ରୀ ବିଜେତା ଏବଂ ଝିଅ ଭଞ୍ଜନଗର ବାଗଦେବୀ ରୋଡରେ ରୁହନ୍ତି। ଶନିବାର ତାଙ୍କ ରୋଷେଇ ଘରେ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇଥିଲା। ବିଜେତା ରୋଷେଇ ପାଇଁ ଲାଇଟର ଲଗାଇବା ବେଳେ ଘର ଭିତରେ ନିଆଁ ଲାଗିଯାଇଥିଲା। ଏଥିରେ ବିଜେତା ପୋଡ଼ି ହୋଇଯାଇଥିଲେ। ତାଙ୍କ ଚିତ୍କାର ଶୁଣି ପରିବାର ଓ ସାହି ପଡୋଶୀ ଦୌଡ଼ି ଆସି ନିଆଁକୁ ଆୟତ୍ତ କରି ବିଜେତାଙ୍କୁ ମେଡିକାଲ ଆଣିଥିଲେ।

### ଜନଗଣନା ସଚେତନତା ରଥ ଉଦ୍‌ଘାଟିତ

କାଶୀନଗର,୧୧।୪ (ପି.ମୁରଲୀ)

କାଶୀନଗର ତହସିଲ କାର୍ଯ୍ୟାଳୟ ପରିସରରେ ଜନଗଣନା ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ତହସିଲଦାର ସୁଧୀର ନନ୍ଦ, ବିଡିଓ ଡମ୍ବରୁଧର ମଲ୍ଲିକ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲକ୍ଷ୍ମୀକାନ୍ତ ସାହୁ, ଅତିରିକ୍ତ ତହସିଲଦାର ତଥା ଏନ୍‌ଏସି ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ କେ. ଦିବ୍ୟରଞ୍ଜନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବି. ସାୟାମ୍ମା ଉପସ୍ଥିତ ଥିଲେ। ଏହି ରଥ ବିଭିନ୍ନ ପଞ୍ଚାୟତ ଓ କାଶୀନଗର ଏନ୍‌ଏସି ଅଞ୍ଚଳ ପରିକ୍ରମା କରି ଜନଗଣନା ସମ୍ପର୍କରେ ଲୋକଙ୍କୁ ଓଡ଼ିଆ , ତେଲୁଗୁ ଓ ସଉରା ଭାଷାରେ ସଚେତନ କରିବ ବୋଲି ତହସିଲଦାର କହିଛନ୍ତି। ସୂଚନାଯୋଗ୍ୟ, ଏପ୍ରିଲ ୧୫ରୁ ଜନଗଣନା ଆରମ୍ଭ ହେବ। ଏଥିପାଇଁ ତହସିଲ କାର୍ଯ୍ୟାଳୟ ସଭାଗୃହରେ ତାଲିମ ଶିବିର ହୋଇଥିଲା।

### ଧର୍ମ ପରାୟଣ ବ୍ୟକ୍ତିଙ୍କ ମୃତ୍ୟୁ

ଗଞ୍ଜାମ,୧୧।୪(ବିଦ୍ୟାଧର ସାହୁ)

ଗଞ୍ଜାମ ଏନ୍‌ଏସି ବିଜେଡି ନଗର ସଭାପତି ସୁଧୀର ପାଢ଼ୀଙ୍କ ପିତା କାଶୀନାଥ ପାଢ଼ୀ(୭୮) ମୃତ୍ୟୁ ଘଟିଛଇ। ଶନିବାର ସକାଳେ ଚାହା ପିଉଥିବା ବେଳେ ହଠାତ ତଳେ ପଡି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଗଞ୍ଜାମ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। କାଶୀନାଥ ଜଣେ ଧର୍ମ ପାରାୟଣ ବ୍ୟକ୍ତି ଭାବେ ସହରରେ ବେଶ ପରିଚିତ ଥିଲେ। ବିଭିନ୍ନ ରାଜନୈତିକ ଦଳର ନେତା, ଯୁବ ସଂଗଠକ, ଶହ ଶହ ଯୁବକ ନଗର ସଭାପତି ପାଢ଼ୀଙ୍କ ବାସଭବନ ଯାଇ ଶେଷ ଦର୍ଶନ କରିଛନ୍ତି।

### ବିପଦକୁ ଡାକୁଛି ଭଙ୍ଗା କଭର୍ ପ୍ଲେଟ

ବୁଗୁଡ଼ା,୧୧।୪(କାଳିଚରଣ ଦାଶ)

ବୁଗୁଡ଼ା ଏନଏସ ୭ ନଂ. ୱାର୍ଡ ଅନ୍ତର୍ଗତ ଅନ୍ଧାରିଆ ସାହି ଛକରେ ଏକ କଭର ପ୍ଲେଟ ବିପଦକୁ ଆମନ୍ତ୍ରଣ କରୁଛି। ସାହି ପ୍ରବେଶ ପଥର ମଧ୍ୟଭାଗରେ ଥିବା ଏହି ଭଙ୍ଗା କଭର ପ୍ଲେଟ୍ ଯୋଗୁ ଦୁର୍ଘଟଣାମାନ ଘଟୁଛି। ବିଶେଷକରି ରାତିରେ ଯାନବାହାନ ଚାଳକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ଗାଈଗୋରୁ ମଧ୍ୟ ସେଠାରେ ପଡି ଖଣ୍ଡିଆଖାବରା ହେଉଛନ୍ତି। ଏ ନେଇ ବାରମ୍ବାର ଅବଗତ ସତ୍ତ୍ୱେ ଜନପ୍ରତିନିଧିଗଣ ଏହାର କୌଣସି ପ୍ରତିକାର ବ୍ୟବସ୍ଥା କରିବା ଦିଗରେ ଅକ୍ଷମତା ପ୍ରକାଶ କରୁଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

# ନିଅଣ୍ଟିଆ ମଧ୍ୟାହ୍ନଭୋଜନ, ଡବେରୀ ସେବାଶ୍ରମରେ ଉତ୍ତେଜନା

ଦାରିଙ୍ଗବାଡ଼ି,୧୧।୪ (ଅରୁଣ ସାହୁ)



ସେବାଶ୍ରମରେ ଆଲୋଚନା ହେଉଛି।

- ଚୁଡ଼ା ଚିନି ଖାଇ ହଷ୍ଟେଲ ଫେରିଲେ ୩୫ ଛାତ୍ରୀ
- ପ୍ରଧାନ ଶିକ୍ଷକଙ୍କୁ ବଦଳି ନ ହେଲେ ଆନ୍ଦୋଳନ ଚେତାବନୀ

ଦାରିଙ୍ଗବାଡ଼ି ବ୍ଲକ୍ ଡବେରୀ ସେବାଶ୍ରାମରେ ନିଅଣ୍ଟିଆ ମଧ୍ୟାହ୍ନ ଭୋଜନ ରୋଷେଇକୁ ନେଇ ଶନିବାର ଉତ୍ତେଜନା ଦେଖାଦେଇଛି। ବିଦ୍ୟାଳୟରେ ୧୫୭ଜଣ ଛାତ୍ରୀଙ୍କ ମଧ୍ୟରୁ ୩୫ ଛାତ୍ରୀଙ୍କୁ ଖାଦ୍ୟ ଖାଇ ନ ଥିବା ଖବର ପାଇଁ ଡବେରୀ ଗ୍ରାମ୍ୟ କମିଟି, ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ, ଏସ୍‌ଏଚ୍‌ଜି ସଦସ୍ୟା, ବିର୍ସାମୁଣ୍ଡା ଯୁବକ ସଙ୍ଘର ଶତାଧିକ ମହିଳା ପୁରୁଷ ସେବାଶ୍ରମ ପହଞ୍ଚିଥିଲେ। ବିଦ୍ୟାଳୟରେ ୩୫ ଛାତ୍ରୀ ଥାଳି ଧରି ଖରାରେ ଖାଦ୍ୟ ଅପେକ୍ଷାରେ ରହିଥିବା ଦେଖି ଉତ୍ତେଜନା ବଢ଼ିଥିଲା। ଏନେଇ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ପ୍ରଧାନଙ୍କ ସହ ୨ ଘଣ୍ଟା ଧରି ଯୁକ୍ତିତର୍କ ହୋଇଥିଲା। ସେ ମଧ୍ୟାହ୍ନ ଭୋଜନ ରୋଷେଇରେ ସବୁବେଳେ ନିଅଣ୍ଟିଆ ରାସନ ସାମଗ୍ରୀ ଦେଉଥିବା ପାଚିକାମାନେ ଅଭିଯୋଗ କରିଥିଲେ। ମଧ୍ୟାହ୍ନ ଭୋଜନ ନିଅଣ୍ଟ ଯୋଗୁ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ଚୁଡା ଓ ଚିନି ଖାଇବାକୁ ଦେଇଥିଲେ। କମିଟି ଏହାକୁ ନେଇ ବିରୋଧ କରିବା ପରେ ପ୍ରାୟ ୧ ଘଣ୍ଟା ବିଳମ୍ବରେ ଛାତ୍ରୀମାନଙ୍କୁ ରୋଷେଇ ଖାଦ୍ୟ ଦିଆଯାଇଥିଲା। ଏହି ଘଟଣାକୁ ନେଇ ପ୍ରଧାନ ଶିକ୍ଷକଙ୍କୁ ବଦଳି ନ କଲେ ଆଗାମୀ ଦିନରେ ସେବାଶ୍ରମ ସମ୍ମୁଖରେ ଅନ୍ଦୋଳନ କରିବାକୁ ବିଭିନ୍ନ ସଂଗଠନ ଚେତାବନି ଦେଇଛନ୍ତି। ପ୍ରକାଶ ଯେ, ସେବାଶ୍ରମରେ ଅବ୍ୟବସ୍ଥାକୁ ନେଇ ଡବେରୀ ଗାଁ ଠାକୁରାଣୀ ମନ୍ଦିର ନିକଟରେ ବୈଠକ ହୋଇଥିଲା। ଗ୍ରାମ୍ୟ କମିଟିର ସୁଶାନ୍ତ ମଲିକଙ୍କ ନେତୃତ୍ୱରେ ସେବାଶ୍ରମରେ ରହିଥିବା ଅବ୍ୟବସ୍ଥାର ସମାଧାନ ପାଇଁ ବିଡ଼ିଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ନିଷ୍ପତ୍ତି ହୋଇଥିଲା। ସେବାଶ୍ରମରେ ମଧ୍ୟାନ୍ନ ଭୋଜନ ନିଅଣ୍ଟିଆ ଖବର ଶୁଣି ଅଧାରୁ ବୈଠକ ଛାଡି ଗ୍ରାମ କମିଟି ସେଠାରେ ପହଞ୍ଚି ବିଭିନ୍ନ ସମସ୍ୟାକୁ ନେଇ ଅଭିଯୋଗ କରିଥିଲେ। ଖବର ପାଇ ଦାରିଙ୍ଗବାଡି ସିଆରସିସି ବଳଭଦ୍ର ମଲିକ, ଏବିଇଓ ଗୋକୁଳାନନ୍ଦ ନାୟକ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଅମିତ ନାୟକ ପ୍ରମୁଖ ସେବାଶ୍ରାମରେ ପହଞ୍ଚିଥିଲେ। ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଘଟଣାର ତଦନ୍ତ କରିଥିଲେ। ଏନେଇ ଏକ ଦାବିପତ୍ର ବିଡ଼ିଓଙ୍କ ଉଦ୍ଦେଶ୍ୟରେ ଏବିଇଓ ଗୋକୁଳାନନ୍ଦ ନାୟକ ଏବଂ ବ୍ଲକ ସମ୍ପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ଅମିତ ନାୟକଙ୍କୁ ଦିଆଯାଇଛି। ଏନେଇ ପ୍ରଧାନ ଶିକ୍ଷକ କହିଛନ୍ତି ଯେ, ଅଭିଯୋଗ ଭିତ୍ତିହିନ ମୁଁ ସଠିକ ରାସନ ପାଚିକାଙ୍କୁ ଦେଉଥିଲି। କେମିତି ନିଅଣ୍ଟ ହେଲା ତାହା ଜାଣିନାହିଁ। ସେବାଶ୍ରମରେ ପାଇଖାନା, ପିଇବା ପାଣି, ଶୌଚାଳୟ ସମସ୍ୟାକୁ ନେଇ ମୁଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛି ବୋଲି କହିଥିଲେ। ଏହି ଆନ୍ଦୋଳନ ବେଳେ ଜୀବିକା ସୁରକ୍ଷା ମଞ୍ଚର କର୍ମକର୍ତ୍ତା ରୀତା ରାଣୀ ମଲିକ, ବିଳାସିନି ନାୟକ, ରଞ୍ଜନ ସିଂ, ୱାର୍ଡ ସଭ୍ୟା ଅରୂପା ପ୍ରଧାନ, ରାଜୁ ପ୍ରଧାନଙ୍କ ସମେତ ଶତାଧିକ ଲୋକ ସାମିଲ ହୋଇଥିଲେ।

# ସଂକ୍ରାନ୍ତି ନୁହେଁ, ଶେଷ ରବିବାର ପରିବା ବଜାର ବନ୍ଦ

ପାରଳାଖେମୁଣ୍ଡି,୧୧।୪(ଗିରିଧାରୀ ପରିଚ୍ଛା): ପାରଳାଖେମୁଣ୍ଡିସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୈନିକ ପରିବା ବଜାରରେ ପ୍ରତି ସଂକ୍ରାନ୍ତିରେ ପରିବା ବିକ୍ରୟ ବନ୍ଦ ରହୁଥିବା ନେଇ ସହରର ବୁଦ୍ଧିଜୀବୀମାନେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ସଂକ୍ରାନ୍ତିରେ ପରିବା ବଜାର ନ ଖୋଲିଲେ ଅନଶନ ହେବ ବୋଲି ଅତିରିକ୍ତ ଜିଲାପାଳ ଫାଲଗୁନି ମାଝୀଙ୍କୁ ଜଣାଇଥିଲେ। ଅତିରିକ୍ତ ଜିଲାପାଳ ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଏହା ବୁଝିବାକୁ ଦାୟିତ୍ୱ ଦେଇଥିଲେ। ଶନିବାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅଭିଯୋଗକାରୀ, ପାରଳାଖେମୁଣ୍ଡିର ପରିବା ବ୍ୟବସାୟୀ ସଂଘ, ପୌରପାଳିକାର ଅଧ୍ୟକ୍ଷା ନିର୍ମଳା ସେଠୀଙ୍କୁ ନେଇ ବୈଠକ ହୋଇଥିଲା। ବୈଠକରେ ନିଷ୍ପତ୍ତି ନିଆଯାଇଛି ଏଣିକି ସଂକ୍ରାନ୍ତି ପରିବର୍ତ୍ତେ ମାସର ଶେଷ ରବିବାର ପରିବା ବଜାର ବନ୍ଦ ରହିବ । ଏହି ନିଷ୍ପତ୍ତିକୁ ସମସ୍ତେ ଗ୍ରହଣ କରିଥିଲେ। ବୈଠକରେ ଅଭିଯୋଗକାରୀ ରାମ ନାୟକ, ବସନ୍ତ ପଣ୍ଡା, ପ୍ରଣୋଜ ପଟ୍ଟନାୟକ, ବିବେକାନନ୍ଦ ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା ବଲସକୁମ୍ପା-ଛନ୍ଦୁରୁପଦର ରାସ୍ତା କାମ



ଖଜୁରିପଡ଼ା, ୧୧।୪ (ବିଦୁର ବେହେରା)

**ଧରିତ୍ରୀ ପ୍ରଭାବ**

ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ବଲସକୁମ୍ପା-ଛନ୍ଦୁରୁପଦର ରାସ୍ତାର ସମସ୍ୟାକୁ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ନିଦ ଭାଙ୍ଗିଛି। ଦୀର୍ଘ ଦିନରୁ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ଏହି ରାସ୍ତାର ମରାମତି କାର୍ଯ୍ୟ ଶେଷ ହୋଇଥିବା ବେଳେ ଏବେ ସେଠାରେ ପିଚୁ କାମ କରାଯାଇଛି। ସୂଚନାଯୋଗ୍ୟ ଯେ, ବଲସକୁମ୍ପା-ଛନ୍ଦୁରୁପଦର ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିଲା। ଫଳରେ ଖାଲଖମା ରାସ୍ତାରେ ଯାତାୟାତ ପାଇଁ ଅନେକ ଅସୁବିଧା ହେଉଥିଲା। ଏହାକୁ ନେଇ ଗତ ଫେବୃଆରୀ ୧ରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ଗମ୍ଭୀରତାର ସହ ଗ୍ରହଣ କରିଥିଲେ। ତୁରନ୍ତ ଉକ୍ତ ରାସ୍ତାର ମରାମତି ପାଇଁ ପଦକ୍ଷେପ ନିଆଯାଇଥିଲା। ବର୍ତ୍ତମାନ ରାସ୍ତାରେ ପିଚୁ ପଡ଼ି ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାରୁ ଯାତାୟାତ ବେଶ ସୁଗମ ହୋଇଛି।

# ପ୍ରଶାସନ ଶୁଣିଲାନି, ସାହିବାସୀ ନିର୍ମାଣ କଲେ କଲଭର୍ଟ

କବିସୂର୍ଯ୍ୟନଗର,୧୧।୪ (କୃପାସିନ୍ଧୁ ସ୍ୱାଇଁ)



ପ୍ରଶାସନ ନ ଶୁଣିବାରୁ ନିଜର ସୁବିଧା ପାଇଁ ସାହିବାସୀ କଲଭର୍ଟ ନିର୍ମାଣ କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଏନଏସି ୧୦ ନଂ ୱାର୍ଡ ଭେଙ୍କଟେଶ୍ୱର ସାହିରେ। ଦୀର୍ଘ ବର୍ଷ ହେଲା ସାହି ଛକର କଲଭର୍ଟ ଭାଙ୍ଗି ବିପଦ ସଙ୍କୁଳ ଅବସ୍ଥାରେ ପଡି ରହିଥିଲା। ଏନେଇ ପ୍ରଶାସନକୁ ସାହିବାସୀ ବାରମ୍ବାର ଅଭିଯୋଗ କରିଥିଲେ। ହେଲେ କିଛି ସୁଫଳ ମିଳି ନ ଥିଲା। ଅନେକ ଯାତ୍ରୀ ଓ ଗାଡି ବିଭିନ୍ନ ସମସ୍ୟାରେ ପଡ଼ିଥିଲେ ବି ତାର ସମାଧାନ ହୋଇପାରିଲା ନାହିଁ। ପ୍ରଶାସନ ନ ଚେତିବାରୁ ସାହିବାସୀ ଅଣ୍ଟାଭିଡ଼ି ନିଜ ଉଦ୍ୟମରେ ଶୁକ୍ରବାର ସନ୍ଧ୍ୟାରେ କଲଭର୍ଟ ନିର୍ମାଣ କରୁଥିବାର ଦୃଶ୍ୟ ଲୋକଙ୍କୁ ବ୍ୟଥିତ କରିଛି । ମେରୁ ପର୍ବକୁ ଦୃଷ୍ଟିରେ ରଖି ସାହିବାସୀଙ୍କ ଉଦ୍ୟମରେ ସମସ୍ୟାର ସମାଧାନ ହୋଇଛି।

### ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ମୂଲ୍ୟାୟନ ଜାରି

ବାଲିଗୁଡା,୧୧।୪(ସଞ୍ଜୟ କୁମାର ପାଣିଗ୍ରାହୀ)

ପ୍ରଥମ ଥର ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଚୟନ ହୋଇ କନ୍ଧମାଳ ଜିଲା ବାଲିଗୁଡାସ୍ଥିତ ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ବିଭାଗର ଅନଲାଇନ ମୂଲ୍ୟାୟନ କେନ୍ଦ୍ର ହୋଇଛି। ଗତ ୩ ବର୍ଷ ହେବ ଏଠାରେ ଅଫଲାଇନରେ ଯୁକ୍ତ ୨ କଳା ବିଭାଗର ମୂଲ୍ୟାୟନ ଦକ୍ଷତାର ସହ ଚାଲିଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ବିଭୁତି ଭୂଷଣ ଆଚାର୍ଯ୍ୟ ଉଭୟ ମୂଲ୍ୟାୟନ କେନ୍ଦ୍ର ଜୋନ୍ ସୁପରଭାଇଜର ଭାବେ କାର୍ଯ୍ୟ ତୁଲାଉଛନ୍ତି। ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଭଳି ପାୱାର ଟାୱାର ଉପରେ ଭରସା ନ ଥିବା ଜିଲା ସଦର ମହକୁମା ଫୁଲବାଣୀ ପରେ ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ଅନ୍‌ଲାଇନ, ଅଫଲାଇନ ମୂଲ୍ୟାୟନ କେନ୍ଦ୍ର ହୋଇପାରିଛି। ରାଜ୍ୟ ସରକାରଙ୍କ ଗଣ ଶିକ୍ଷା ବିଭାଗର ଏହି ସମୟୋଚିତ ଅଭିନବ ପ୍ରୟାସକୁ ବିଭିନ୍ନ ମହଲରୁ ସାଧୁବାଦ ଜଣାଯାଇଛି। ଏହି ମୂଲ୍ୟାୟନର ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୨ରୁ ଆରମ୍ଭ ହୋଇ ୧୩ ତାରିଖରେ ସରିବାକୁ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ୧୫ ଆରମ୍ଭ ହୋଇ ୨୫ ତାରିଖରେ ଶେଷ ହେବ ବୋଲି ମହାବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

### ଜନଗଣନା ରଥର ଶୁଭାରମ୍ଭ

ଧରାକୋଟ,୧୧।୪ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଚଳିତ ମାସର ୧୬ରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ଜନଗଣନା କରାଯିବ । ଲୋକମାନଙ୍କୁ ଠିକ୍ ଭାବରେ ତଥ୍ୟ ପ୍ରଦାନ ସହ ଜନଗଣନାକାରୀମାନଙ୍କୁ ଏଥିରେ ସହଯୋଗ କରିବା ଲାଗି ଲୋକଙ୍କୁ ସଚେତନ କରାଇବାକୁ ଧରାକୋଟ ବ୍ଲକରେ ଜନଗଣନା ରଥର ଶୁଭାରମ୍ଭ ହୋଇଛି। ତହସିଲ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ଲମ୍ବୋଦର ମାଣ୍ଡି ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ସୁପରଭାଇଜର ସୁଜ୍ଞାନୀ ବେହେରା, ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ତହସିଲଦାର ପତାକା ଦେଖାଇ ଜନଗଣନା ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଧରାକୋଟ ବ୍ଲକର ୨୭୯ ଏଚ୍‌ଏଲ୍‌ବିର ଗଣନା ପାଇଁ ୪୧ ଜଣ ସୁପରଭାଇଜର ଓ ୨୪୨ ଜଣ ଗଣନାକାରୀ ନିୟୋଜିତ ରହିବାକୁ ତାଲିମ ନେଇଛନ୍ତି। ତନ୍ମୟ ବେହେରା, ସୁଦୀପ୍ତ ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଭଞ୍ଜ ସାହିତ୍ୟ ଉପରେ ଆଲୋଚନାଚକ୍ର




ଅଧ୍ୟକ୍ଷ ଉଦବୋଧନ ଦେଉଛନ୍ତି।

ଭଞ୍ଜନଗର,୧୧।୪(ବାବୁଲା ପ୍ରଧାନ): ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଓଡିଆ ପକ୍ଷ ପାଳନ ଅବସରରେ ଶନିବାର ଭଞ୍ଜ ସାହିତ୍ୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷ ବିଭାସ ଦାସ ସଭାପତିତ୍ୱ କରି ନିଜ ମାତୃଭାଷା ଯେତେ ଆଗକୁ ଯିବ ସେ ଅଞ୍ଚଳ ସେତେ ଆଗକୁ ବଢ଼ିବ ବୋଲି କହିଥିଲେ। ଜଗନ୍ନାଥପ୍ରସାଦ କଲେଜ ଓଡିଆ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଲୋକନାଥ ମହାନ୍ତି ମୁଖ୍ୟ ଅତିଥି ଓ ବୁଗୁଡ଼ା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ବିଭୂତି ଭୂଷଣ ମିଶ୍ର, ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପିକା କଳ୍ପନା ଷଣ୍ଢ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଘୁମୁସରର ଭଞ୍ଜ ରାଜବଂଶର ଅବଦାନ ସଂପର୍କରେ କହିଥିଲେ। ଅଧ୍ୟାପକ ଦିଗନ୍ତ ଜେନା ସଭାକୁ ସଂଯୋଜନା କରିଥିବାବେଳେ ଅଧ୍ୟାପିକା ରୋଜାଲିନ ମହାରଣା ଧନ୍ୟବାଦ ଦେଇଥିଲେ।

# ରାସ୍ତା ନିର୍ମାଣ ଦାବି ନେଇ ଆନ୍ଦୋଳନ କରିବେ ରଟିଙ୍ଗିଆ ପଞ୍ଚାୟତବାସୀ

ଜି.ଉଦୟଗିରି,୧୧।୪(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ବ୍ଲକ୍ ଶ୍ରୀରାମପଦା ଠାରୁ ଭାୟା ରାଟିଙ୍ଗିଆ ପଞ୍ଚାୟତ ଦେଇ ଗ୍ରେସିଙ୍ଗିଆରେ ସଂଯୋଗ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ରାସ୍ତାଟି ମରଣଯନ୍ତା ପାଲଟିଛି। ଗ୍ରାମବାସୀ ଏନେଇ ବହୁଥର ସ୍ଥାନୀୟ ପ୍ରଶାସନ ଓ ଜିଲା ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଶେଷରେ ଉକ୍ତ ସଡ଼କ ନିର୍ମାଣ ନିମନ୍ତେ ଗ୍ରାମବାସୀ ଚରମ ନିଷ୍ପତ୍ତି ନେଇଛନ୍ତି। ସାଧାରଣ ନାଗରିକ କମିଟି ତରଫରୁ ସରପଞ୍ଚ ବିଷ୍ଣୁଦେବ ପ୍ରଧାନଙ୍କ ସଭାପତିତ୍ୱରେ ରାସ୍ତା ନିର୍ମାଣ ନିମନ୍ତେ ରଟିଙ୍ଗିଆ ପଞ୍ଚାୟତରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଯଦି ୧୯ ତାରିଖ ସୁଦ୍ଧା ରାସ୍ତା କାମ ଆରମ୍ଭ ହୁଏ ତେବେ ଆସନ୍ତା ୧୬ରେ ଜିଲାପାଳଙ୍କୁ ସାକ୍ଷାତ କରିବା ପାଇଁ ନିଷ୍ପତି ନିଆଯାଇଛି। ସେପଟେ ରାସ୍ତା କାମ ହୋଇ ନ ଥିବା ବେଳେ ବିଭାଗୀୟ ଅଧିକାରୀଙ୍କ କାମ ଚାଲିଥିବା ଚିଠିକୁ ଆଧାର କରି ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ରାସ୍ତା ନିର୍ମାଣ କାମ ଯଥାଶୀଘ୍ର ଆରମ୍ଭ ନ ହୁଏ ତେବେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ରାସ୍ତା ରୋକ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବିଶେଷକରି ଗର୍ଭବତୀ, ରୋଗୀ ଓ ଛାତ୍ରୀଛାତ୍ରଙ୍କ ପାଇଁ ଅସୁବିଧା ହେଉଥିବା ବେଳେ ୨୫ଟି ଗ୍ରାମର ଲୋକମାନଙ୍କ ପାଇଁ ମରଣଯନ୍ତା ପାଲଟିଛି। ପ୍ରଶାସନର ଅବହେଳାକୁ ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରି ବୈଠକରେ ଆନ୍ଦୋଳନ ପନ୍ଥା ଆପଣେଇବା ପାଇଁ ନିଷ୍ପତି ନେଇଥିବା ନେଇ କମିଟି ସଭାପତି ସୂଚନା ଦେଇଛନ୍ତି। ବୈଠକରେ ସ୍ଥାନୀୟ ସମିତି ସଭ୍ୟ ଏନ. ଲୁକ, ଏମବିକେ ଡି. ସବନମ, ସମାଜିକ କର୍ମୀ ହୃଷିକେଶ ପ୍ରଧାନ, ଉମେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟମାନେ ଯୋଗଦେଇ ଥିଲେ।

# ଆର୍ଥିକ ଅନିୟମିତତା ଅଭିଯୋଗ, ପ୍ରଧାନ ଶିକ୍ଷକ ନିଲମ୍ବିତ

ଆସିକା,୧୧।୪(ସୁରେନ୍ଦ୍ର ନାଥ ସାହୁ): ଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧିନ ବାଲିସିରା କ୍ଲଷ୍ଟର ଅନ୍ତର୍ଗତ ଲଣ୍ଡାଜୁଆଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁମନ ବାଡତ୍ୟାଙ୍କୁ ଶୁକ୍ରବାର ନିଲମ୍ବିତ କରାଯାଇଛି। ବିଦ୍ୟାଳୟ ପରିଚାଳନାରେ ଗୁରୁତର ଅବହେଳା ଓ ଆର୍ଥିକ ଅନିୟମିତତା ଅଭିଯୋଗ ଘଟଣାର ତଦନ୍ତ ପରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଛି। ଲଣ୍ଡାଜୁଆଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧ ବର୍ଷ ଧରି ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଉଲ୍ଲେଖ କରାଯାଇ ନ ଥିଲା ବେଳେ ମଧ୍ୟାହ୍ନ ଭୋଜନ ଚାଉଳର ହିସାବ ଠିକ ନ ଥିବା ତଦନ୍ତରୁ ଜଣାପଡିଛି। ତେଣୁ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ ସହ ତାଙ୍କର ଓ ଅନ୍ୟ ୫ ଶିକ୍ଷକ ଏବଂ ସଂପୃକ୍ତ ବିଦ୍ୟାଳୟର ଦାୟିତ୍ୱରେ ଥିବା ସିଆରସିସିଙ୍କ ଦରମା ମଧ୍ୟ ବନ୍ଦ କରାଯାଇଛି। ପ୍ରଧାନ ଶିକ୍ଷକ ବାଡତ୍ୟାଙ୍କୁ ନିଲମ୍ବନ ଅବଧି ମଧ୍ୟରେ ଆସିକା ବ୍ଲକର କେଶପୁରସ୍ଥିତ ୱାଇପିଏନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରହିବା ଲାଗି ଆଦେଶ ଜାରି ହୋଇଛି। ଗତ ୨୩ ତାରିଖରେ ଏହି ବିଦ୍ୟାଳୟରେ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ହୋଇଥିଲା। ବୈଠକକୁ ବିଇଓ ଓ ଏବିଇଓ ଯାଇଥିଲେ। ଉକ୍ତ ବିଦ୍ୟାଳୟରେ ଏଭଳି ଅନିୟମିତତା ସମ୍ପର୍କରେ ସୂଚନା ପାଇଥିବା ଅଧିକାରୀମାନେ ବିଦ୍ୟାଳୟର ଖାତାପତ୍ର ଯାଞ୍ଚ ବେଳେ ଜାଣିଥିଲେ। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଗତ ୩୦ ତାରିଖରେ ପ୍ରଧାନ ଶିକ୍ଷକ ବାଡତ୍ୟାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା । ସେ ଦେଇଥିବା ଉତ୍ତର ସନ୍ତୋଷ ଜନକ ନ ଥିବାରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ପତିତପାବନ ସଭାପତି, ପ୍ରଶାନ୍ତ ସମ୍ପାଦକ

**'ହିମକନ୍ୟା'ର କର୍ମକର୍ତ୍ତା ଚୟନ**

ଦାରିଙ୍ଗବାଡି,୧୧।୪(ଅରୁଣ ସାହୁ): ଦାରିଙ୍ଗବାଡି ଜାଗୃତି ସଭାଗୃହଠାରେ ଶୁକ୍ରବାର ଭାଷା, ସାହିତ୍ୟ ଓ ସାଂସ୍କୃତିକ ପରିଷଦ 'ହିମକନ୍ୟା'ର ନୂତନ କର୍ମକର୍ତ୍ତା ଚୟନ ହୋଇଛନ୍ତି। ପରିଷଦର ସଭାପତି ଭାବେ ପତିତପାବନ ରାଉତ ଏବଂ ସମ୍ପାଦକ ଭାବେ ପ୍ରଶାନ୍ତ ସାହୁଙ୍କୁ ଚୟନ କରାଯାଇଛି। ସେହିପରି ଉପସଭାନେତ୍ରୀ ଭାବେ ଅଧ୍ୟାପିକା ସସ୍ମିତା ସାମନ୍ତ, ସହ ସମ୍ପାଦିକା ଭାବେ ବବଲୀନ ନାୟକ, କୋଷାଧ୍ୟକ୍ଷ କେଶବ ଡାକୁଆ, ଆଇନ ପରାମର୍ଶଦାତା ଭାବେ ବରିଷ୍ଠ ଓକିଲ ଉମେଶ କର, ମୁଖ୍ୟ ଉପଦେଷ୍ଟା ଭାବେ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ଭୀମରାଓ ଆମ୍ବେଡକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼. ପ୍ରତାପ କୁମାର ବେହେରା, ବିପିସି ଜଗନ୍ନାଥ ରଥଙ୍କୁ ଚୟନ କରାଯାଇଛି। ସେହିପରି ସକ୍ରିୟ ସଦସ୍ୟା ସଦସ୍ୟ ଭାବେ ସରକାରୀ ଆଇଟିଆଇର ଶିକ୍ଷକ ଭୂପେନ ପୃସେଠ, ଶିକ୍ଷୟିତ୍ରୀ ଅନୁଭୂତି ବଳ, ନକ୍ଷତ୍ରମାଳା ସାହୁ, ରୁପେଶ ତ୍ରିପାଠୀ, ଅଶିଷ କୁମାର ନାୟକ, ସରୋଜିନୀ ଦାସ, ରଞ୍ଜିତ ମିଶ୍ର, ଆଶାରାଣୀ ମିଶ୍ର, ଚିନ୍ମୟୀ ସାହୁ, ରଶ୍ମିତା ଶତପଥୀ, ଏବଂ ଉପଦେଷ୍ଟା ମଣ୍ଡଳୀରେ ରମେଶ ଚନ୍ଦ୍ର ସାହୁ, ମୁକୁନ୍ଦ ବଳିୟାର ସିଂ, ପ୍ରଫୁଲ ବଡ଼ଜେନା, ରଶ୍ମିତା ନନ୍ଦ, ମନସ୍ୱିନୀ ତ୍ରିପାଠୀ, ବିନିତା ପତ୍ରାଙ୍କୁ ଚୟନ କରାଯାଇଛି। ନୂତନ କର୍ମକର୍ତ୍ତାମାନେ ଭାଷା, ସାହିତ୍ୟ ଓ ପାରମ୍ପରିକ ସଂସ୍କୃତିକୁ ବଞ୍ଚାଇରଖିବାରେ ସକ୍ରିୟ ଭୂମିକା ଗ୍ରହଣ କରିବେ ବୋଲି ଜଣାପଡିଛି।

# ଜାତୀୟ ଟେନିସ ବଲ କ୍ରିକେଟରେ କନ୍ଧମାଳ ଛାତ୍ର

ରାଇକିଆ,୧୧।୪ (ପ୍ରଦୀପ ବେହେରା)




**ଜିଲା ପାଇଁ ଆଣିଲେ ଗୌରବ**

କନ୍ଧମାଳ ଜିଲ୍ଲା ରାଇକିଆର ଛାତ୍ର ଅହମିକ ଆଡୋନାଇ ଦିଗାଲ ୧୫ ବର୍ଷରୁ କମ ଜାତୀୟ ଟେନିସ ବଲ କ୍ରିକେଟ ଚାମ୍ପିୟନଶିପରେ ଭାଗ ନେଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଚଳିତ ମାସ ପ୍ରଥମ ସପ୍ତାହରେ ଅନୁଷ୍ଠିତ ଜାତୀୟ ଟେନିସ କ୍ରିକେଟ ସ୍ପୋର୍ଟସ ଆସୋସିଏଶନ ଅଫ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ଟେନିସ କ୍ରିକେଟ ସ୍ପୋର୍ଟସ ଜାତୀୟ ଚମ୍ପିୟାନ-୨୦୨୬ରେ ଓଡ଼ିଶା ଟେନିସ କ୍ରିକେଟ ସ୍ପୋର୍ଟସ ଆସୋସିଏଶନ ଦ୍ୱାରା ମନୋନୀତ ଦଳରେ ଭାଗ ନେଇଥିଲେ। କନ୍ଧମାଳ ଜିଲାର ରାଇକିଆ ପଞ୍ଚାୟତର ଗୁଡ୍ଡୁଗୁଡ଼ା ଗ୍ରାମର ମାନେଶ୍ୱର ଦିଗାଲଙ୍କ ପୁତ୍ର ଅହମିକଙ୍କ ଏହି ସଫଳତା ଅଞ୍ଚଳବାସୀଙ୍କ ପାଇଁ ଗୌରବ ଆଣି ଦେଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ଦଳ ସେମିଫାଇନାଲରେ ଆନ୍ଧ୍ର ପ୍ରଦେଶ ସହିତ ମୁକାବିଲା କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହି ଖେଳରେ ଅହମିକଙ୍କୁ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଅପହଞ୍ଚ ଅଞ୍ଚଳରେ ଗଢ଼ିବ ଅଟୋ ଆମ୍ବୁଲାନ୍ସ

ପାତ୍ରପୁର,୧୧।୪(ଉମା ଚରଣ ନେପାକ)




ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଭବାନୀ ଶଙ୍କର ମିଶ୍ର ଶନିବାର ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ଡିପିଏମ୍ ବୁଲୁନାଥ ସାହୁ, ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସମ୍ବିଦ ବେଗରାୟ ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଓ ବିପିଏମ୍ ରବି ନାରାୟଣ ସାହୁ ଉପସ୍ଥିତ ଥିଲେ। ପାତ୍ରପୁର ବ୍ଲକ୍‌ରେ ବହୁ ଦିନ ଧରି ଲାଗି ରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଆଙ୍କୁଲି, ତୁମ୍ବା ଓ ବୁରାଡାଳ ସହ ବହୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ଗମନାଗମନ ସୁବିଧା ନ ଥିବା କାରଣରୁ ଜରୁରୀ କାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ସେବା ନ ମିଳିବାରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜିଲାପାଳଙ୍କ ଆଦେଶ କ୍ରମେ ଜିଲାର ସମସ୍ତ ଅପହଞ୍ଚ ଅଞ୍ଚଳରେ ଅଟୋ ଆମ୍ବୁଲାନ୍ସ ସେବା ଯୋଗାଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଛନ୍ତି। ଅଟୋ ଆମ୍ବୁଲାନ୍ସ ସେବା ଅପହଞ୍ଚ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ପାଖରେ କିପରି ପହଞ୍ଚିବ ସେ ଦିଗରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ସ୍ଥାନୀୟ ବିଧାୟକ ଓ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ପାତ୍ରପୁର ବ୍ଲକ୍‌ରେ ଥିବା ସମସ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାନଙ୍କରେ ଅଧିକାରୀ ଓ କର୍ମଚାରୀମାନେ ନିୟମିତ ଭାବେ ଉପସ୍ଥିତ ରହୁ ନ ଥିବାରୁ ଗ୍ରାମାଞ୍ଚଳରେ ରୋଗୀ ସେବା ଠପ୍ ହୋଇ ଯିବା ସହ ତୁମ୍ବା ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ମନମୁଖୀ କାର୍ଯ୍ୟକଳାପ ଯୋଗୁ ବହୁ ରୋଗୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧାୟକ ଦାବି କରିଛନ୍ତି। ଏନେଇ ଡାକ୍ତର ବେଗରାୟ କହିଛନ୍ତି ଯେ, ଆଗାମୀ ଦିନରେ ପାତ୍ରପୁର ବ୍ଲକ ଅନ୍ତର୍ଗତ ସୁରଙ୍ଗୀ ଓ ଜରଡା ମେଡିକାଲକୁ ୨ଟି ଆମ୍ବୁଲାନ୍ସ ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନ ପାଖରେ ଆବେଦନ କରାଯାଇଛି। ଅଟୋ ଆମ୍ବୁଲାନ୍ସ କିପରି ତୁରନ୍ତ କାର୍ଯ୍ୟକାରୀ ହେବ ସେ ଦିଗରେ ଆଲୋଚନା ହୋଇଛି।

# କଂଗ୍ରେସକୁ ଫେରିଲେ ସାଧୁ ନେପାକ

## ଦେହ ଅନ୍ୟ ଦଳରେ, କିନ୍ତୁ ଆତ୍ମା କଂଗ୍ରେସ ଭବନରେ ଥିଲା: ନେପାକ

ଭୁବନେଶ୍ୱର, ୧୧।୪(ସୁନିତ୍ ମିଶ୍ର)

ବରଗଡ଼ର ପୂର୍ବତନ ବିଧାୟକ ସାଧୁ ନେପାକ ଶନିବାର ବିଜେଡି ଛାଡ଼ି ବିଧିବଦ୍ଧ ଭାବେ କଂଗ୍ରେସକୁ ଫେରିଛନ୍ତି। କଂଗ୍ରେସ ଭବନଠାରେ ସେ ତାଙ୍କ ଶତାଧିକ ସମର୍ଥକଙ୍କୁ ସାଙ୍ଗରେ ଧରି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି। ଏହି ଅବସରରେ ଭକ୍ତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ସମୟରେ ସାଧୁ ନେପାକ ଏବଂ ସେ ମିଶି ଅନେକ ସାଙ୍ଗଠନିକ କାର୍ଯ୍ୟ କରିଥିଲେ। ସାଧୁବାବୁ ଅବହେଳିତ ଜନତା ଏବଂ ବିଶେଷଭାବେ କୃଷକମାନଙ୍କ ଅଧିକାର ଆନ୍ଦୋଳନର ଜଣେ ଆଗଧାଡିର ପୁରୋଧା। ବରଗଡ଼ରେ କଂଗ୍ରେସ ପାଇଁ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ସାଧୁବାବୁଙ୍କ କଂଗ୍ରେସକୁ ଘରବାହୁଡ଼ା ସୂଚାଉଛି ଭବିଷ୍ୟତରେ କଂଗ୍ରେସ ଆସୁଛି। ତାଙ୍କ ଯୋଗଦାନ ଦ୍ୱାରା ପଶ୍ଚିମ ଓଡ଼ିଶାରେ କଂଗ୍ରେସ ଶକ୍ତିଶାଳୀ ହେବା ସହ ଦଳ ପ୍ରତି ସମର୍ଥନ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି।

ଏହି ଅବସରରେ ସାଧୁ ନେପାକ କହିଛନ୍ତି, ଭକ୍ତଙ୍କ ସହ ତାଙ୍କ ସମ୍ପର୍କ ପୁରୁଣା। ତାଙ୍କ କାର୍ଯ୍ୟଶୈଳୀ ଏବଂ ଚିନ୍ତାଧାରାର ସେ ଜଣେ ପ୍ରଶଂସକ। ତାଙ୍କ ସଂଗ୍ରାମୀ ନେତୃତ୍ୱ ଯୋଗୁ ଦଳକୁ ଫେରି ସଙ୍ଗଠନ କରିବାକୁ ମନସ୍ଥ କରିଥିଲେ। ଯଦିଓ ତାଙ୍କ ଦେହ ଅନ୍ୟ ଦଳରେ ଘୁରି ବୁଲୁଥିଲା ତାଙ୍କ ଆତ୍ମା କଂଗ୍ରେସ ଭବନରେ ହିଁ ଥିଲା। ଆଗକୁ ସଭାପତି ଯେଉଁ ଦାୟିତ୍ୱ ଦେବେ ତାହା ପାଦରେ ଚାଲି ଚାଲି ପୂରଣ କରିବେ ବୋଲି ସେ କହିଛନ୍ତି।



ବରଗଡ଼ର ପୂର୍ବତନ ବିଧାୟକ ସାଧୁ ନେପାକ ଶନିବାର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ କଂଗ୍ରେସରେ ଯୋଗଦେବା ଅବସରରେ।

# ରିଲିଜ୍ ପୂର୍ବରୁ ଫିଲ୍ମ ଲିକ୍ ଯନ୍ତ୍ରଣାଦାୟକ: ଥାଲାପତି ବିଜୟ



ଥାଲାପତି ବିଜୟ

ସାଉଥ୍ ସୁପରଷ୍ଟାର ଥାଲାପତି ବିଜୟ ରାଜନୀତିରେ ପାଦଦେବା ପୂର୍ବରୁ ତାଙ୍କ ଅଭିନୀତ ଶେଷ ଫିଲ୍ମ 'ଜନ ନାୟାଗନ' ଏବେ ଚର୍ଚ୍ଚାରେ। ରିଲିଜ ପୂର୍ବରୁ ଏହି ଫିଲ୍ମର କେତୋଟି ଦୃଶ୍ୟ ସୋସିଆଲ ମିଡିଆରେ ଲିକ୍ ହୋଇଛି। ଏହାକୁ ନେଇ ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତ୍ରୀ, ଅଭିନେତାଙ୍କ ଚିନ୍ତା ବଢ଼ିଯାଇଛି। କାରଣ ପ୍ରଥମେ ଫିଲ୍ମଟି ଜାନୁଆରୀରେ ରିଲିଜ ହେବାର ରିଲିଜ ହେବାର ଯୋଜନା ଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହି ଫିଲ୍ମର ରିଲିଜକୁ ସ୍ଥଗିତ ରଖାଯାଇଛି। ଏବେ ଫିଲ୍ମର କିଛି ଦୃଶ୍ୟ ଅନ୍‌ଲାଇନରେ ଲିକ୍ ହୋଇଥିବାରୁ ପ୍ରଯୋଜକ ଜି. ଧନଞ୍ଜୟ ଲିକ୍ ଭିଡିଓ ଶେୟାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ ଦାୟର କରିଛନ୍ତି। ଅପରପକ୍ଷେ ଥାଲାପତି ବିଜୟ 'ଜନ ନାୟାଗନ' ସମର୍ଥନରେ ଆସି କହିଛନ୍ତି, ଫିଲ୍ମର ପ୍ରତ୍ୟେକ ଦୃଶ୍ୟ ପଛରେ କାହାର ସ୍ୱପ୍ନ ଲୁଚି ରହିଥାଏ। ରିଲିଜ ପୂର୍ବରୁ ଏହା ଲିକ୍‌ହେବା ଯନ୍ତ୍ରଣାଦାୟକ। ଦୟାକରି ଏହାକୁ ଶେୟାର ନ କରି ଚଳଚ୍ଚିତ୍ରକୁ ସମର୍ଥନ କରନ୍ତୁ ବୋଲି ସେ କହିଛନ୍ତି। ୩୦୦ କୋଟିରୁ ଊର୍ଦ୍ଧ୍ୱ ବଜେଟରେ ନିର୍ମିତ ଏହି ଫିଲ୍ମଟି ଜାନୁଆରୀ ୧୦ରେ ମୁକ୍ତିଲାଭ କରିବା ଯୋଜନା ଥିଲା। କିନ୍ତୁ ସିବିଏଫ୍‌ସିର ଅନୁମୋଦନ ଅଭାବରୁ ଏହାର ରିଲିଜ ତାରିଖ ବାରମ୍ବାର ସ୍ଥଗିତ ରଖାଯାଇଥିଲା। ଶୁଣିବାକୁ ମିଳୁଛି,ଏହି ଫିଲ୍ମଟି ଥାଲାପତି ବିଜୟଙ୍କ ଜନ୍ମଦିନ(ଜୁନ୍ ୨୨) ଅବସରରେ ସିନେମା ହଲ୍‌ରେ ମୁକ୍ତିଲାଭ କରିପାରେ। କିନ୍ତୁ ଏ ବିଷୟରେ ଏପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ସୂଚନା ମିଳିନାହିଁ। ସୂଚନାଯୋଗ୍ୟ, ଥାଲାପତି ବିଜୟଙ୍କ ବ୍ୟତୀତ ଏହି ଫିଲ୍ମରେ ବବି ଦେଓଲ, ପୂଜା ହେଗ୍‌ଡେ, ପ୍ରିୟାମଣି, ପ୍ରକାଶ ରାଜ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ)

| କ୍ରମିକ ସଂଖ୍ୟା | ଖାତା ନଂ | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଅଧିକୃତ ହେଉଥିବା ରକବା (ଏକରରେ) | କିସମ | ଭୂମି ମାଲିକଙ୍କ ନାମ |
|---|---|---|---|---|---|---|
| 62 | 40/149 | 469/767 | 0.340 | 0.340 | ବା:ପା:ଏକ ଦୋ:ଫ | ଜଗନ୍ନାଥ ପାଣିଗ୍ରାହୀ, ଦିନେଶ ପାଣିଗ୍ରାହୀ, ଲଳିତା ପାଣିଗ୍ରାହୀ, ବିନତା ନାଥ, ବିଶାଖା ପାଣିଗ୍ରାହୀ, ପି.: ସନ୍ତୋଷ କୁମାର ପାଣିଗ୍ରାହୀ, ଗୋଦାବରୀ ପାଣିଗ୍ରାହୀ, ସ୍ୱା.: ସନ୍ତୋଷ କୁମାର ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | 465/765 | 0.120 | 0.120 | ବା:ପା:ଏକ ଦୋ:ଫ | |
| | | 467/766 | 0.060 | 0.060 | ବା:ପା:ଏକ ଦୋ:ଫ | |
| | | 493/768 | 0.340 | 0.340 | ବା:ପା:ଏକ ଦୋ:ଫ | |
| | | 304/762 | 0.260 | 0.260 | ବେ:ପା:ଏକ ଦୋ:ଫ | |
| | | 444/764 | 0.280 | 0.280 | ମା:ପା:ଏକ ଦୋ:ଫ | |
| | ମୋଟ | | 1.400 | 1.400 | | |
| | | | 177.100 | 176.810 | | |

Sd./- Amin L.A. Sec. Jharsuguda — Sd./- Amin L.A. Sec. Jharsuguda — Sd./- R.I. L.A. Sec. Jharsuguda

Sd./- Asst. Collector L.A. Section, Jharsuguda — Sd./- Land Acquisition Officer Jharsuguda

OIPR-24001/24022/3/26-27/0003

# ୧୦ ପଥର ବୋଝେଇ ଟ୍ରକ୍ ଜବତ କଲା ଗ୍ରାମାଞ୍ଚଳ ଥାନା ପୋଲିସ

ପଟ୍ଟାମୁଣ୍ଡାଇ,୧୧।୪(କଳ୍ପତରୁ ନାୟକ): କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ ବେଆଇନ ପଥର ଚାଲାଣ ରୋକିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସ ଶୁକ୍ରବାର ରାତି ୨ଟାରେ ବେଆଇନ ପଥର ନେଇ ରାଜନଗର ଯାଉଥିବା ୧୦ ହାଓ୍ୱା ଟ୍ରକ୍‌କୁ ନିମପୁର ନିକଟରେ ଅଟକାଇ କାଗଜପତ୍ର ଯାଞ୍ଚ ପରେ ଜବତ କରିଛି । ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧିକାରୀ ଶ୍ରୀକାନ୍ତ ବାରିକ ଓ ଜିଲା ମାଇନିଙ୍ଗ ଅଫିସର ଦିନେଶ ମହାପାତ୍ର ମିଳିତ ଭାବେ ଚଢ଼ାଉ କରି ଟ୍ରକ୍‌ଗୁଡିକ ଜବତ କରିଛନ୍ତି । ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସ ନଂ. ୨୦୮/୨୬ ରେ ମାମଲା ରୁଜୁକରି ଖୋଳତାଡ ଆରମ୍ଭ କରିଛି ।

# ସିଜିମାଳି ଘଟଣାରେ କେନ୍ଦ୍ରମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ: ସସ୍ମିତ

ଭୁବନେଶ୍ୱର, ୧୧।୪(ସୁନିତ୍ ମିଶ୍ର)

ସିଜିମାଳିରେ ଯେଉଁଭଳି ଭାବେ ସ୍ଥାନୀୟ ଆଦିବାସୀଙ୍କୁ ଆକ୍ରମଣ କରାଯାଇଛି ସେହି ଘଟଣାରେ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମଙ୍କୁ ଶନିବାର ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଚିଠି ଲେଖିଛନ୍ତି। ଏନେଇ ସସ୍ମିତ ତାଙ୍କ ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ଦେଇଛନ୍ତି। ସେ ତାଙ୍କ ଭିଡିଓ ବାର୍ତ୍ତାରେ କହିଛନ୍ତି, ଜୁଏଲ ଓରାମ ଓଡ଼ିଶାରୁ ଏମ୍‌ପି ହୋଇ କେନ୍ଦ୍ରମନ୍ତ୍ରୀ ଅଛନ୍ତି। ହେଲେ ସେ କିମ୍ବା ତାଙ୍କ ମନ୍ତ୍ରଣାଳୟର କୌଣସି ଅଧିକାରୀ ସେହି ଘଟଣାରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଆଦିବାସୀମାନଙ୍କୁ ଯେଉଁଭଳି ସୁରକ୍ଷା ଦେବା କଥା ଏହି ଘଟଣାରେ ସେକଥା ଏ ପର୍ଯ୍ୟନ୍ତ ଦେଖିବାକୁ ମିଳିଲା ନାହିଁ। ରାଜ୍ୟ ସରକାରଙ୍କ ସହ କେନ୍ଦ୍ରମନ୍ତ୍ରୀ ଏ ବାବଦରେ କଥା ହୁଅନ୍ତୁ। ବକ୍ସାଇଟ୍ ଉତ୍ତୋଳନ ଲାଗି ଗ୍ରାମସଭା ହୋଇ ନ ଥିଲା। ପେସା ଆଇନ ଏବଂ ଜଙ୍ଗଲ ସୁରକ୍ଷା ଆଇନ ଆଧାରରେ କାର୍ଯ୍ୟ ହେଉ। କେନ୍ଦ୍ରମନ୍ତ୍ରୀ ହସ୍ତକ୍ଷେପ କଲେ ଅନେକ କିଛି କଥାର ସମାଧାନ ହୋଇପାରିବ ବୋଲି ସେ ଉଲ୍ଲେଖ କରିଛନ୍ତି।

# ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
## ଘୋଷଣା

File No.569/2026 — Date:04.02.2026

No.24001/28/2627:ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ଫାମ୍ପୁଣି, ଥାନା-ଜୟପୁର, ନଂ.-୪୦, ତହସିଲ-ଜୟପୁର, ଜିଲ୍ଲା-କୋରାପୁଟରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି । ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୭୮/୨୦୨୨, ତା.୧୮.୦୬.୨୦୨୨ ରିଖରେ ପ୍ରକାଶିତ ହୋଇଅଛି । ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୨୪୩୧ ତା.୧୯.୦୧.୨୦୨୬ ରିଖ ଅନୁଯାୟୀ ୩୧.୦୩.୨୦୨୬ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି । ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଫାମ୍ପୁଣି, ଥାନା-ଜୟପୁର, ନଂ-୪୦, ତହସିଲ-ଜୟପୁର, ଜିଲ୍ଲା-କୋରାପୁଟର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ https://koraput.odisha.gov.in. ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଅଛି ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-କୋରାପୁଟ — ତହସିଲ-ଜୟପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଫାମ୍ପୁଣି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | | | | ୨୨.୯୮୨ | ଏଥିସହିତ ସଂଲଗ୍ନ କରାଗଲା |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-କୋରାପୁଟ — ତହସିଲ-ଜୟପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୩୧.୦୩.୨୦୨୬

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-
ଜିଲ୍ଲାପାଳ, କୋରାପୁଟ

## ଭୂମି ଅନୁସୂଚୀ

ମୌଜା-ଫାମ୍ପୁଣି, ଥାନା-ଜୟପୁର, ନଂ-୪୦, ତହସିଲ-ଜୟପୁର, ଜିଲ୍ଲା-କୋରାପୁଟ

ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୬ | ରୟତି | ୯୪୦ | ୦.୧୯୦ | ୦.୦୨୭ | ଧାନ-୨ | ଅଦିଆ ପରଜା, ବଳି ପରଜା, ପି-ମୁଳା ପରଜା, ବା-ଗୌଡଗୁଡା |
| ୬ | ରୟତି | ୯୪୧ | ୦.୪୮୦ | ୦.୩୯୩ | ଧାନ-୩ | ଅଦିଆ ପରଜା, ବଳି ପରଜା, ପି-ମୁଳା ପରଜା, ବା-ଗୌଡଗୁଡା |
| ୬ | ରୟତି | ୯୫୪ | ୨.୧୭୦ | ୦.୪୩୪ | ଡଙ୍ଗର-୨ | ଅଦିଆ ପରଜା, ବଳି ପରଜା, ପି-ମୁଳା ପରଜା, ବା-ଗୌଡଗୁଡା |
| ୬ | ରୟତି | ୯୫୫ | ୩.୫୮୦ | ୧.୦୧୭ | ଡଙ୍ଗର-୧ | ଅଦିଆ ପରଜା, ବଳି ପରଜା, ପି-ମୁଳା ପରଜା, ବା-ଗୌଡଗୁଡା |
| ୭ | ରୟତି | ୧୧୪୧ | ୨.୧୪୦ | ୦.୭୨୩ | ଧାନ-୧ | ଭାଗରଥି ଚୌଧୁରି, ରାଧା ମୋହନ ଚୌଧୁରି, ପି:ଇଶ୍ୱର ଚୌଧୁରି, ଶ୍ରୀନିବାସ ଚୌଧୁରି, ପି:ଭଗବାନ ଚୌଧୁରି, ପାଟ ଚୌଧୁରିଆଣି, ସ୍ୱା:ଦଣ୍ଡାସି ଚୌଧୁରି |
| ୨୬୨/୩ | ରୟତି | ୧୧୪୧/ ୧୮୯୭ | ୦.୧୭୦ | ୦.୧୨୦ | ଶିଳ୍ପସ୍ଥଳୀ | ବାଲାରପୁର ଇଣ୍ଡଷ୍ଟ୍ରିଜ୍ ଲିଃ, ୟୁନିଟ ସେବା, ଗାଗନାପୁର |
| ୨୫୩/ ୧୧୪୭ | ରୟତି | ୯୬୧/ ୧୪୨୮ | ୧.୯୮୦ | ୦.୭୬୩ | ଡଙ୍ଗର-୨ | ମନୋଜ କୁମାର ପାଣି, ପି-ବିଜୟ କୁମାର ପାଣି, ରାକେଶ ପାଣିଗ୍ରାହୀ, ପି-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଜା-ବ୍ରାହ୍ମଣ, ବା-ପାଇକସାହି, ଜୟପୁର |
| ୨୫୩/୭୬ | ରୟତି | ୧୦୩୪/ ୧୪୪୪ | ୧.୦୦୦ | ୦.୧୪୦ | ଡଙ୍ଗର-୨ | ହିରାଦା ଗୌଡଣି, ସ୍ୱା-ଲୋକନାଥ ନାୟକ, ଜା:ଗଉଡ,ବା:ଗୌଡଗୁଡା |
| ୨୫୩/୭୭ | ରୟତି | ୧୧୧୭/ ୧୪୬୧ | ୦.୮୦୦ | ୦.୩୭୦ | ଧାନ-୧ | ସଭା ସୁନ୍ଦର ନାୟକ,ପି-ଗୋରା ଗୌଡ,ଜା-ଗଉଡ,ବା-ଗୌଡଗୁଡା |
| ୨୫୩/୧୩୯୨ | ରୟତି | ୧୧୧୭/ ୧୪୨୪ | ୧.୬୦୦ | ୦.୭୦୦ | ଧାନ-୧ | ରଞ୍ଜନ ନାୟକ,ପି-ଆନନ୍ଦ ନାୟକ,ଜା-କୁଡୁମ, ବା-ଫାମ୍ପୁଣି |
| ୨୫୩/୭୬ | ରୟତି | ୧୧୧୭/ ୧୪୩୭ | ୦.୯୫୦ | ୦.୦୮୭ | ଧାନ-୧ | ହିରାଦା ଗଉଡୁଣୀ,ସ୍ୱା:ଲୋକନାଥ ନାୟକ,ଜା:ଗଉଡ,ବା:ଗୌଡଗୁଡା |
| ୨୫୩/୭୮ | ରୟତି | ୧୧୧୭/ ୧୪୭୩ | ୦.୯୦୦ | ୦.୪୪୦ | ଧାନ-୧ | ପୁରିଆ ନାୟକ,ପି:ଗୋରା ଗୌଡ,ଜା:ଗୌଡ, ବା:ଗୌଡଗୁଡା |
| ୪୪ | ରୟତି | ୧୧୧୮ | ୦.୦୮୦ | ୦.୦୭୨ | ବନ୍ଧ | ଗୋରା ଗଉଡ, ସୁନ୍ଦର ଗଉଡ, ପି:ଗୋବର୍ଦ୍ଧନ ଗଉଡ, ଚନ୍ଦ୍ର ଗଉଡ, ପି:ଚେମୁଟୁ ଗଉଡ,ଭଗବାନ ଗଉଡ, ପି:ହରି ଗୌଡ, ଜା:ଗୌଡ, ବା:ଗୌଡଗୁଡା |
| ୨୫୩/୭୬ | ରୟତି | ୧୧୧୯/ ୧୪୩୮ | ୦.୩୬୦ | ୦.୨୩୬ | ଧାନ-୨ | ହିରାଦା ଗଉଡୁଣୀ,ସ୍ୱା:ଲୋକନାଥ ନାୟକ,ଜା:ଗଉଡ,ବା:ଗୌଡଗୁଡା |

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୨୫୩/୭୮ | ରୟତି | ୧୧୧୯/ ୧୪୭୪ | ୦.୩୦୦ | ୦.୦୭୫ | ଧାନ-୨ | ପୁରିଆ ନାୟକ,ପି:ଗୋରା ଗୌଡ,ଜା:ଗୌଡ, ବା:ଗୌଡଗୁଡା |
| ୫୭ | ରୟତି | ୧୦୭୨ | ୧.୬୪୦ | ୦.୭୭୪ | ଧାନ-୧ | ଚନ୍ଦ୍ର ଗଉଡ,ପି:ଚେମୁଟୁ ଗଉଡ,ଜା:ଗଉଡ, ବା:ଗୌଡଗୁଡା |
| ୧୫୧ | ରୟତି | ୧୦୬୪ | ୦.୫୯୦ | ୦.୨୭୦ | ଧାନ-୧ | ଭଗବାନ ଗଉଡ,ପି:ହରି ଗଉଡ,ଜା:ଗଉଡ, ବା:ଗୌଡଗୁଡା |
| ୨୫୩/୩୧୯ | ରୟତି | ୧୦୬୪/ ୧୮୫୮ | ୦.୨୬୦ | ୦.୧୩୩ | ଧାନ-୧ | ଗୁରୁବାରୀ ଗଉଡୁଣୀ, ସ୍ୱା:ରାମ ଗଉଡ, ଜା:ଗଉଡ, ବା:ଗଉଡଗୁଡା |
| ୧୬୭ | ରୟତି | ୧୦୫୨ | ୦.୨୭୦ | ୦.୧୯୪ | ଧାନ-୨ | ମକୁନ୍ଦ ଗୌଡ, ପି:ଦେବ ଗୌଡ, ଜା:ଗଉଡ, ବା:ଗୌଡଗୁଡା |
| ୧୬୭ | ରୟତି | ୧୦୫୩ | ୦.୭୬୦ | ୦.୦୨୪ | ଧାନ-୧ | ମକୁନ୍ଦ ଗୌଡ, ପି:ଦେବ ଗୌଡ, ଜା:ଗଉଡ, ବା:ଗୌଡଗୁଡା |
| ୧୯୧ | ରୟତି | ୯୩୯ | ୧.୧୨୨ | ୦.୨୧୬ | ଧାନ-୩ | ରାମଚନ୍ଦ୍ର ରଣା, ପି:ଭିମ ରଣା, ଜା:ରଣା, ବା:କଙ୍କଡାହାଣ୍ଡି |
| ୨୫୩/୧୨୩୪ | ରୟତି | ୯୩୯/ ୨୭୯୨ | ୦.୧୪୮ | ୦.୦୨୪ | ଧାନ-୩ | ସିକନ୍ଦର ପାତ୍ର, ପି:ଗଙ୍ଗାଧର ପାତ୍ର, ଜା:ବୈଶ୍ୟ, ବା:ହୋଟେଲ ହ୍ୟାଲ ଜୟପୁର |
| ୨୫୩/୧୧୮୨ | ରୟତି | ୯୩୯/ ୨୭୪୮ | ୦.୧୧୦ | ୦.୧୦୦ | ଧାନ-୩ | ସତ୍ୟନାରାୟଣ ବେହେରା, ପି:ସିମାଦ୍ରି ବେହେରା,ଜା:ଭଣ୍ଡାରୀ, ବା:ଜୟନଗର |
| ୧୯୧ | ରୟତି | ୯୪୩ | ୨.୫୦୧ | ୦.୯୩୦ | ଡଙ୍ଗର-୧ | ରାମଚନ୍ଦ୍ର ରଣା, ପି:ଭିମ ରଣା, ଜା:ରଣା, ବା:କଙ୍କଡାହାଣ୍ଡି |
| ୨୫୩/୧୨୩୪ | ରୟତି | ୯୪୩/ ୨୭୯୩ | ୦.୦୧୭ | ୦.୦୧୭ | ଡଙ୍ଗର-୧ | ସିକନ୍ଦର ପାତ୍ର, ପି:ଗଙ୍ଗାଧର ପାତ୍ର, ଜା:ବୈଶ୍ୟ, ବା:ହୋଟେଲ ହ୍ୟାଲ ଜୟପୁର |
| ୨୫୩/୧୧୩୦ | ରୟତି | ୯୪୩/ ୨୭୦୯ | ୦.୦୪୦ | ୦.୦୪୦ | ଘରବାରୀ | ଗୌରୀ ଶଙ୍କର ପଟ୍ଟନାୟକ, ପି:ଭେଙ୍କଟେଶ୍ୱର ପଟ୍ଟନାୟକ, ଜା:କରଣ, ବା:ନୂଆସାହି,ଜୟପୁର |
| ୨୫୩/୧୧୩୧ | ରୟତି | ୯୪୩/ ୨୭୧୦ | ୦.୦୪୦ | ୦.୦୪୦ | ଘରବାରୀ | ଅନଜ କୁମାର ବେହେରା, ପି:ନୀଳ କୁମାର ବେହେରା, ଜା:ଭଣ୍ଡାରୀ, ବା:ଘୁମର |
| ୨୫୩/୧୧୩୨ | ରୟତି | ୯୪୩/ ୨୭୧୧ | ୦.୦୨୦ | ୦.୦୨୦ | ଘରବାରୀ | କାହ୍ନୁ ମହାପାତ୍ର, ପି-ଗୁପ୍ତେଶ୍ୱର ମହାପାତ୍ର, ଜା:ଚିତ୍ରକର, ବା:ନୂଆସାହି, ଜୟପୁର |
| ୨୫୩/୧୧୩୩ | ରୟତି | ୯୪୩/ ୨୭୧୨ | ୦.୦୨୦ | ୦.୦୨୦ | ଘରବାରୀ | ରିତାରାଣୀ ନାଇକ, ସ୍ୱା:ମଧୁ ନାଇକ, ଜା:କରଣ, ବା:ଚିଲିଗୁଡା, ଜୟନଗର |
| ୨୫୩/୧୧୩୪ | ରୟତି | ୯୪୩/ ୨୭୧୩ | ୦.୦୪୦ | ୦.୦୪୦ | ଘରବାରୀ | ବିଜୟ କୁମାର ମହାପାତ୍ର, ପି:ଗୁପ୍ତେଶ୍ୱର ମହାପାତ୍ର, ଜା:ଚିତ୍ରକର, ବା:ନୂଆସାହି, ଜୟପୁର |
| ୨୫୩/୧୨୩୩ | ରୟତି | ୯୪୩/ ୨୭୯୧ | ୦.୨୪୭ | ୦.୦୮୦ | ଡଙ୍ଗର-୧ | ସ୍ୱରୂପ କୁମାର ନାୟକ, ପି:ସୁଶାନ୍ତ ନାୟକ, ଜା:ଖ୍ରୀଷ୍ଟିୟାନ, ବା:ଜେ.ଇ.ଏଲ.ସି., ଜୟପୁର |
| ୨୫୩/୧୨୫୨ | ରୟତି | ୯୪୩/ ୨୮୧୦ | ୦.୦୮୦ | ୦.୦୪୦ | ଡଙ୍ଗର-୧ | ଧରଣୀଧର ପ୍ରଧାନ, ପି:ବାବନ ଚରଣ ପ୍ରଧାନ, ଜା:ଖଣ୍ଡାୟତ, ବା:ବୈପାରୀଗୁଡା |
| ୨୫୩/୧୨୭୪ | ରୟତି | ୯୪୩/ ୨୮୩୦ | ୦.୦୨୦ | ୦.୦୨୦ | ଡଙ୍ଗର-୧ | ବିଜୟ କୁମାର ପାତ୍ର, ପି:ଉଦୟନାଥ ପାତ୍ର, ଜା:ବୈଶ୍ୟ, ବା:ବାମୁଣୀଗାଁ |
| ୨୫୩/୧୧୮୨ | ରୟତି | ୯୪୩/ ୨୮୩୬ | ୦.୦୪୦ | ୦.୦୪୦ | ଡଙ୍ଗର-୧ | ଅନଜ କୁମାର ବେହେରା, ପି:ନୀଳ କୁମାର ବେହେରା, ଜା:ଭଣ୍ଡାରୀ, ବା:ଘୁମର |
| ୨୫୩/୧୨୮୩ | ରୟତି | ୯୪୩/ ୨୮୩୭ | ୦.୦୨୦ | ୦.୦୨୦ | ଡଙ୍ଗର-୧ | କାହ୍ନୁ ମହାପାତ୍ର, ପି:ଗୁପ୍ତେଶ୍ୱର ମହାପାତ୍ର, ଜା:ଚିତ୍ରକର, ବା:ନୂଆସାହି, ଜୟପୁର |
| ୨୫୩/୧୨୮୪ | ରୟତି | ୯୪୩/ ୨୮୩୮ | ୦.୦୨୦ | ୦.୦୨୦ | ଡଙ୍ଗର-୧ | ରିତାରାଣୀ ନାଇକ, ସ୍ୱା:ମଧୁ ନାଇକ, ଜା:କରଣ, ବା:ଚିଲିଗୁଡା, ଜୟନଗର |
| ୨୫୩/୧୩୦୯ | ରୟତି | ୯୪୩/ ୨୮୬୩ | ୦.୦୪୦ | ୦.୦୪୦ | ଡଙ୍ଗର-୧ | ଶରତ କୁମାର ସାହୁ, ପି:ଆନନ୍ଦ ସାହୁ, ଜା:ବ୍ରାହ୍ମଣ, ବା:ନୀଳ ଗୁପ୍ତେଶ୍ୱର ସାହି |
| ୨୫୩/୧୩୫୩ | ରୟତି | ୯୪୩/ ୨୯୦୫ | ୦.୦୪୦ | ୦.୦୪୦ | ଡଙ୍ଗର-୧ | ଟି.ଶ୍ରୀଦେବୀ, ସ୍ୱା:ଟି.ବାଳକୃଷ୍ଣ ରାଓ, ଜା:ବୈଶ୍ୟ, ବା:ଜୟପୁର |
| ୨୫୩/୧୪୨୪ | ରୟତି | ୯୪୩/ ୨୯୬୫ | ୦.୦୪୧ | ୦.୦୨୦ | ଡଙ୍ଗର-୧ | ଭାଗିରଥି ସାହୁ, ପି:ବାଉରୀବନ୍ଧୁ ସାହୁ, ଜା:ଶୁଣ୍ଢି, ବା:ସାଇବାବା ଲାଇନ, ବାଲିମେଳା, ମାଲକାନଗିରି |
| ୨୫୩/୧୧୪୯ | ରୟତି | ୯୪୩/ ୨୭୨୩ | ୦.୦୪୦ | ୦.୦୪୦ | ଡଙ୍ଗର-୧ | ବିଜୟ କୁମାର ମହାପାତ୍ର, ପି:ଗୁପ୍ତେଶ୍ୱର ମହାପାତ୍ର, ଜା:ଚିତ୍ରକର, ବା:ନୂଆସାହି ଜୟପୁର |
| ୨୫୩/୧୧୬୬ | ରୟତି | ୯୪୩/ ୨୭୩୪ | ୦.୦୪୦ | ୦.୦୪୦ | ଘରବାରୀ | ଦିଲିପ କୁମାର ନାୟକ, ପି:ନବୀନ ନାୟକ, ଜା:ଖଦାଲ, ବା:ଚିତାନନ୍ଦ ସାହି, ମାଲକାନଗିରି |
| ୨୫୩/୧୧୮୨ | ରୟତି | ୯୪୩/ ୨୭୪୯ | ୦.୦୩୦ | ୦.୦୨୦ | ଡଙ୍ଗର-୧ | ସତ୍ୟନାରାୟଣ ବେହେରା, ପି:ସିମାଦ୍ରି ବେହେରା, ଜା:ଭଣ୍ଡାରୀ, ବା:ଜୟନଗର |
| ୧୯୭ | ରୟତି | ୧୧୩୯ | ୨.୧୮୦ | ୧.୦୨୪ | ଧାନ-୧ | ରାମଚନ୍ଦ୍ର ମଣ୍ଡଳ, ପି:ସଦାଶିବ ମଣ୍ଡଳ, ଜା:, ବା:ନିଜଗାଁ |
| ୨୧୬ | ରୟତି | ୧୦୩୫ | ୨.୦୪୦ | ୧.୩୭୯ | ଡଙ୍ଗର-୨ | ସଦନ ପରଜା, ପି:ଚୈତନ୍ୟ ପରଜା, ଜା:ପରଜା, ବା:ଗୌଡଗୁଡା |
| ୨୪୮/୩୮୦ | ରୟତି | ୧୧୩୦ | ୦.୩୨୦ | ୦.୧୦୧ | ଧାନ-୧ | ଦୀନବନ୍ଧୁ ମଣ୍ଡଳ, ପି:ଚିନ୍ତାମଣି ମଣ୍ଡଳ,ଜା:, ବା:ନିଜଗାଁ |
| ୨୫୩/୭୬ | ରୟତି | ୧୦୪୨ | ୧.୫୯୦ | ୦.୦୦୭ | ଡଙ୍ଗର-୨ | ହିରଦା ଗୌଡୁଣି,ସ୍ୱୀ:ଲୋକନାଥ ନାୟକ, ଜା:ଗଉଡ, ବା:ଗୌଡଗୁଡା |
| ୨୫୩/୭୯ | ରୟତି | ୧୦୫୮ | ୧.୯୪୦ | ୦.୯୧୧ | ଧାନ-୧ | ଡମ୍ବରୁ ନାୟକ, ପି:ଧନସାଇ ନାୟକ, ଜା:ଗଉଡ, ବା:ଗୌଡଗୁଡା |
| ୨୫୩/୭୯ | ରୟତି | ୧୦୫୯ | ୧.୨୩୦ | ୦.୨୫୦ | ଧାନ-୨ | ଡମ୍ବରୁ ନାୟକ, ପି:ଧନସାଇ ନାୟକ, ଜା:ଗଉଡ, ବା:ଗୌଡଗୁଡା |
| ୨୫୩/୧୧୩ | ରୟତି | ୧୧୨୫ | ୨.୬୮୦ | ୧.୦୬୨ | ଧାନ-୧ | ଭଗବାନ ନାୟକ, ପି:ସୁନ୍ଦର ଗଉଡ, ଜା:ଗଉଡ, ବା:ଗୌଡଗୁଡା |
| ୨୫୩/୧୧୪ | ରୟତି | ୧୦୭୭ | ୦.୨୦୦ | ୦.୧୭୯ | ଧାନ-୨ | ଶ୍ରୀମତୀ ଲଳିତା ନାୟକ, ପି:ସୁନ୍ଦର ଗଉଡ, ଜା:ଗଉଡ, ବା:ଗୌଡଗୁଡା |
| ୨୫୩/୧୧୫ | ରୟତି | ୧୦୭୬ | ୦.୫୫୦ | ୦.୨୦୦ | ଧାନ-୧ | ପିତବାସ ନାୟକ, ପି:ଶ୍ରୀପତି ନାୟକ, ଜା:ଗଉଡ, ବା:ଗୌଡଗୁଡା |
| ୨୫୩/୧୧୪ | ରୟତି | ୧୦୭୬/ ୧୫୧୬ | ୨.୨୨୦ | ୦.୧୮୧ | ଧାନ-୧ | ଶ୍ରୀମତୀ ଲଳିତା ନାୟକ, ସ୍ୱା:ସୁନ୍ଦର ଗଉଡ, ଜା:ଗଉଡ, ବା:ଗୌଡଗୁଡା |
| ୨୫୩/୧୧୫ | ରୟତି | ୧୦୭୮ | ୦.୩୪୦ | ୦.୩୩୬ | ଧାନ-୩ | ପିତବାସ ନାୟକ, ପି:ଶ୍ରୀପତି ନାୟକ, ଜା:ଗଉଡ, ବା:ଗୌଡଗୁଡା |
| ୨୬୨/୨ | | ୧୧୪୦/ ୧୮୯୮ | ୦.୧୯୦ | ୦.୦୧୦ | ଶିଳ୍ପସ୍ଥଳୀ | ବାଲାରପୁର ଇଣ୍ଡଷ୍ଟ୍ରିଜ୍ ଲିଃ, ୟୁନିଟ ସେବା, ଗାଗନାପୁର |
| ୨୫୩/୨୭୮ | ରୟତି | ୧୧୪୦/ ୧୭୦୬ | ୩.୧୫୦ | ୦.୬୧୦ | ଧାନ-୧ | ପ୍ରଫୁଲ୍ଲ ପାଣିଗ୍ରାହୀ, ସ୍ୱା:ବିପ୍ରଚରଣ ପାଣିଗ୍ରାହୀ, ଜା:ବ୍ରାହ୍ମଣ, ବା:ପ୍ରସାଦରାଓ ପେଟା, ଜୟପୁର |
| ୨୫୩/୧୧୫ | ରୟତି | ୧୦୭୯ | ୧.୦୦୦ | ୦.୧୬୨ | ଡଙ୍ଗର-୧ | ପିତବାସ ନାୟକ, ପି:ଶ୍ରୀପତି ଗଉଡ, ଜା:ଗଉଡ, ବା:ଗୌଡଗୁଡା |
| ୨୫୩/୧୧୩ | ରୟତି | ୧୦୭୯/ ୧୫୧୫ | ୧.୦୦୦ | ୦.୨୦୦ | ଡଙ୍ଗର-୧ | ଭଗବାନ ନାୟକ, ପି:ସୁନ୍ଦର ଗଉଡ, ଜା:ଗଉଡ, ବା:ଗୌଡଗୁଡା |
| ୨୫୩/୧୩୬୪ | ରୟତି | ୧୦୮୦ | ୦.୨୦୦ | ୦.୦୯୪ | ଧାନ-୩ | ରଞ୍ଜନ ନାୟକ, ପି:ଆନନ୍ଦ ନାୟକ,ଜା:କୁଡୁମ,ବା:ଫାମ୍ପୁଣୀ |

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୨୫୩/୧୧୫ | ରୟତି | ୧୦୮୧ | ୧.୪୬୦ | ୦.୮୪୭ | ଧାନ-୨ | ପିତବାସ ନାୟକ, ପି:ଶ୍ରୀପତି ନାୟକ, ଜା:ଗଉଡ, ବା:ଗୌଡଗୁଡା |
| ୨୫୩/୧୩୬୪ | ରୟତି | ୧୧୧୩ | ୨.୯୫୦ | ୦.୦୩୨ | ଧାନ-୧ | ରଞ୍ଜନ ନାୟକ, ପି:ଆନନ୍ଦ ନାୟକ,ଜା:କୁଡୁମ,ବା:ଫାମ୍ପୁଣୀ |
| ୨୫୩/୨୨୧ | ରୟତି | ୧୧୩୬ | ୧.୯୮୦ | ୦.୮୮୪ | ଧାନ-୧ | ଦିନବନ୍ଧୁ ମଣ୍ଡଳ, ପି:ଚିନ୍ତାମଣି ମଣ୍ଡଳ, ଜା, ବା:ଫାମ୍ପୁଣୀ |
| ୨୫୩/୨୨୧ | ରୟତି | ୧୧୪୨ | ୧.୨୫୦ | ୦.୫୮୨ | ଧାନ-୧ | ଦିନବନ୍ଧୁ ମଣ୍ଡଳ, ପି:ଚିନ୍ତାମଣି ମଣ୍ଡଳ, ଜା, ବା:ଫାମ୍ପୁଣୀ |
| ୨୬୩/୩ | ରୟତି | ୧୧୪୨/ ୧୯୦୩ | ୦.୦୩୦ | ୦.୦୩୦ | ଶିଳ୍ପସ୍ଥଳୀ | ବାଲାରପୁର ଇଣ୍ଡଷ୍ଟ୍ରିଜ୍ ଲିଃ, ୟୁନିଟ ସେବା, ଗାଗନାପୁର |
| ୨୫୩/୪୩୦ | ରୟତି | ୧୦୩୩ | ୨.୫୧୦ | ୦.୪୮୮ | ଡଙ୍ଗର-୧ | ବିଷ୍ଣୁପ୍ରିୟା ରାଉତ, ସ୍ୱା:ଜଗନ୍ନାଥ ରାଉତ, ଜା:କୁଡୁମ, ବା:ଫାମ୍ପୁଣୀ |
| ୨୫୩/୪୩୩ | ରୟତି | ୯୫୯ | ୦.୯୮୦ | ୦.୩୮୦ | ଡଙ୍ଗର-୨ | ଜଗନ୍ନାଥ ରାଉତ, ପି:ରାମନାଥ ରାଉତ, ଜା:କୁଡୁମ, ବା:ଫାମ୍ପୁଣୀ |
| ୨୫୩/୪୩୩ | ରୟତି | ୧୦୩୨ | ୧.୯୫୦ | ୦.୪୫୧ | ଡଙ୍ଗର-୨ | ଜଗନ୍ନାଥ ରାଉତ, ପି:ରାମନାଥ ରାଉତ, ଜା:କୁଡୁମ, ବା:ଫାମ୍ପୁଣୀ |
| ୨୫୩/ ୧୩୪୮ | ରୟତି | ୧୧୩୨ | ୦.୬୪୦ | ୦.୩୯୩ | ଧାନ-୧ | ରିତା ଦାସ, ପି:ନରସିଂହ ଦାସ, ଜା:ବ୍ରାହ୍ମଣ, ବା:ନୂଆସାହି, ୫ମ ଲାଇନ, ଜୟପୁର |
| ୨୫୩/୭୭ | ରୟତି | ୧୧୨୭/ ୧୪୫୪ | ୦.୬୫୦ | ୦.୩୧୮ | ଧାନ-୧ | ସଭା ସୁନ୍ଦର ନାୟକ, ପି:ଗୋରା ଗୌଡ, ଜା:ଗଉଡ, ବା:ଗୌଡଗୁଡା |
| ୨୫୩/୭୮ | ରୟତି | ୧୧୨୭/ ୧୪୭୨ | ୦.୭୫୦ | ୦.୨୫୫ | ଧାନ-୧ | ପୁରିଆ ନାୟକ, ପି:ଗୋରା ଗୌଡ, ଜା:ଗୌଡ, ବା:ଗୌଡଗୁଡା |
| ୨୫୩/୭୯ | ରୟତି | ୧୧୨୭/ ୧୪୮୭ | ୧.୧୨୦ | ୦.୪୭୫ | ଧାନ-୧ | ଡମ୍ବରୁ ନାୟକ, ପି:ଧନସାଇ ନାୟକ, ଜା:ଗୌଡ, ବା:ଗୌଡଗୁଡା |
| ୨୫୩/୭୯ | ରୟତି | ୧୧୨୬/ ୧୪୮୬ | ୦.୪୩୦ | ୦.୧୫୦ | ଧାନ-୨ | ଡମ୍ବରୁ ନାୟକ, ପି:ଧନସାଇ ନାୟକ, ଜା:ଗୌଡ, ବା:ଗୌଡଗୁଡା |
| ୨୫୩/୭୮ | ରୟତି | ୧୧୨୬/ ୧୪୭୧ | ୦.୩୨୦ | ୦.୧୨୦ | ଧାନ-୨ | ପୁରିଆ ନାୟକ, ପି:ଗୋରା ଗୌଡ, ଜା:ଗୌଡ, ବା:ଗୌଡଗୁଡା |
| ୨୫୩/୭୭ | ରୟତି | ୧୧୨୬/ ୧୪୫୩ | ୦.୨୫୦ | ୦.୨୧୧ | ଧାନ-୨ | ସଭା ସୁନ୍ଦର ନାୟକ, ପି:ଗୋରା ଗୌଡ, ଜା:ଗଉଡ, ବା:ଗୌଡଗୁଡା |
| | | ମୋଟ | | ୨୧.୧୮୧ | | |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | |
| ୨୫୩/୪୩୦ | | ୧୦୩୦ | ୧.୭୮୦ | ୦.୨୪୭ | ଡଙ୍ଗର-୧ | ବିଷ୍ଣୁପ୍ରିୟା ରାଉତ, ସ୍ୱା:ଜଗନ୍ନାଥ ରାଉତ, ଜା:କୁଡୁମ, ବା:ଫାମ୍ପୁଣୀ |
| ୨୫୩/୪୩୦ | | ୧୦୩୧ | ୧.୦୨୦ | ୦.୦୫୫ | ଡଙ୍ଗର-୨ | ବିଷ୍ଣୁପ୍ରିୟା ରାଉତ, ସ୍ୱା:ଜଗନ୍ନାଥ ରାଉତ, ଜା:କୁଡୁମ, ବା:ଫାମ୍ପୁଣୀ |
| ୨୫୩/୪୩୩ | | ୧୦୩୨ | ୧.୯୫୦ | ୧.୪୯୯ | ଡଙ୍ଗର-୨ | ଜଗନ୍ନାଥ ରାଉତ, ପି-ରାମନାଥ ରାଉତ, ଜା:କୁଡୁମ, ବା:ଫାମ୍ପୁଣୀ |
| | | ମୋଟ | | ୧.୮୦୧ | | |
| ସର୍ବମୋଟ | | | | ୨୨.୯୮୨ | | |
| ସରକାରୀ ଗୋଚର | | | | | | |
| ୨୬୨ | | ୧୦୩୭ | ୧୧.୦୭୦ | ୧.୮୦୧ | ଗୋଚର | ରକ୍ଷିତ |
| | | ମୋଟ | | ୧.୮୦୧ | | |
| | | | | | | |
| ବିଶେଷ ଦ୍ରଷ୍ଟବ୍ୟ:-୧୧(୧) ବିଜ୍ଞପ୍ତି ପ୍ରକାରେ ପ୍ରସ୍ତାବିତ ହୋଇଥିବା ଜମି ମଧ୍ୟରୁ ନିମ୍ନଲିଖିତ ପ୍ଲଟଗୁଡିକର କୌଣସି ରକବା ଅଧିଗ୍ରହଣ ହେଉନାହିଁ | | | | | | |
| ୨୬୨/୨ | | ୯୪୧/ ୧୮୮୨ | ୦.୦୮୦ | ୦.୦୦୦ | କେନାଲ | ଜଳସେଚନ ବିଦ୍ୟୁତ ବିଭାଗ, ଓଡ଼ିଶା |
| ୨୫୩/୭୬ | ରୟତି | ୯୬୧/ ୧୪୪୩ | ୦.୪୩୦ | ୦.୦୦୦ | ଡଙ୍ଗର-୨ | ହିରାଦା ଗୌଡଣି, ସ୍ୱା:ଲୋକନାଥ ନାୟକ, ଜା:ଗଉଡ, ବା:ଗୌଡଗୁଡା |
| ୨୫୩/୪୫୫ | ରୟତି | ୯୬୧/ ୧୪୨୮ | ୧.୯୮୦ | ୦.୦୦୦ | ଡଙ୍ଗର-୨ | ହରିହର ନାୟକ, ପି:ଖଗପତି ନାୟକ, ଜା:ଗୌଡ, ବା:ଗଉଡଗୁଡା |
| ୨୫୩/୪୩୩ | ରୟତି | ୧୦୩୪/ ୧୪୭୭ | ୦.୯୦୦ | ୦.୦୦୦ | ଡଙ୍ଗର-୨ | ଜଗନ୍ନାଥ ରାଉତ, ପି-ରାମନାଥ ରାଉତ, ଜା:କୁଡୁମ, ବା:ଫାମ୍ପୁଣୀ |
| ୨୫୩/୧୪୨୭ | ରୟତି | ୧୦୩୪/ ୧୪୩୦ | ୪.୦୮୦ | ୦.୦୦୦ | ଡଙ୍ଗର-୨ | ଗାର୍ଗି ରାଉତ, ସ୍ୱା:ରଞ୍ଜନ କୁମାର ପ୍ରଧାନ, ଜା:କୁଡୁମ, ବା:ଫାମ୍ପୁଣୀ |
| ୨୫୩/୪୩୦ | ରୟତି | ୧୦୩୪/ ୧୪୯୦ | ୦.୯୫୦ | ୦.୦୦୦ | ଡଙ୍ଗର-୨ | ବିଷ୍ଣୁପ୍ରିୟା ରାଉତ, ସ୍ୱା:ଜଗନ୍ନାଥ ରାଉତ, ଜା:କୁଡୁମ, ବା:ଫାମ୍ପୁଣୀ |
| ୨୫୩/୭୭ | ରୟତି | ୧୧୧୯/ ୧୪୫୫ | ୦.୨୧୦ | ୦.୦୦୦ | ଧାନ-୨ | ସଭା ସୁନ୍ଦର ନାୟକ, ପି:ଗୋରା ଗୌଡ,ଜା:ଗଉଡ, ବା:ଗୌଡଗୁଡା |
| ୨୫୩/୪୫୫ | ରୟତି | ୧୧୧୯/ ୧୪୨୫ | ୦.୨୨୦ | ୦.୦୦୦ | ଧାନ-୨ | ହରିହର ନାୟକ,ପି:ଖଗପତି ନାୟକ, ଜା:ଗୌଡ, ବା:ଗୌଡଗୁଡା |
| ୨୫୩/୧୧୪୩ | ରୟତି | ୯୪୩/ ୨୭୨୦ | ୦.୦୪୦ | ୦.୦୦୦ | ଘରବାରି | ଲକ୍ଷଣ ପାଣିଗ୍ରାହୀ, ପି:ଉଦୟନାଥ ପାଣିଗ୍ରାହୀ, ଜା:ବ୍ରାହ୍ମଣ, ବା:ବୋରିଗୁମ୍ମା |
| ୨୫୩/୧୧୯୦ | ରୟତି | ୯୪୩/ ୨୭୫୩ | ୦.୦୪୦ | ୦.୦୦୦ | ଡଙ୍ଗର-୧ | ସୁନୀଲ ମହାପାତ୍ର, ପି:ପଦ୍ମଚରଣ ମହାପାତ୍ର, ଜା:ବ୍ରାହ୍ମଣ, ବା:ପାଓ୍ୱାର ହାଉସ କଲୋନୀ, ଜୟପୁର |
| ୨୫୩/୧୧୯୧ | ରୟତି | ୯୪୩/ ୨୭୫୩ | ୦.୦୪୦ | ୦.୦୦୦ | ଡଙ୍ଗର-୧ | ବବୁଲୁ ଭଟ୍ଟାଚାର୍ଯ୍ୟ,ପି:ଆନନ୍ଦ ରଞ୍ଜନ ଭଟ୍ଟାଚାର୍ଯ୍ୟ, ଜା:ବ୍ରାହ୍ମଣ, ବା:ରିକିଲାସେସନ କଲୋନୀ,ମାଲକାନଗିରି |
| ୨୫୩/୧୨୧୭ | ରୟତି | ୯୪୩/ ୨୭୭୫ | ୦.୦୪୦ | ୦.୦୦୦ | ଘରବାରି | ଲକ୍ଷଣ ପାଣିଗ୍ରାହୀ, ପି:ଉଦୟନାଥ ପାଣିଗ୍ରାହୀ, ଜା:ବ୍ରାହ୍ମଣ, ବା:ବୋରିଗୁମ୍ମା |
| ୨୫୩/୧୨୫୫ | ରୟତି | ୯୪୩/ ୨୮୧୧ | ୦.୦୪୦ | ୦.୦୦୦ | ଡଙ୍ଗର-୧ | କରବିଲତା ବାରିକ, ସ୍ୱା:ମନୋଜ କୁମାର ବାରିକ, ଜା:ଭଣ୍ଡାରୀ, ବା:ପାରାବେଡା, ଜୟପୁର |
| ୨୫୩/୧୨୬୯ | ରୟତି | ୯୪୩/ ୨୮୨୬ | ୦.୧୬୪ | ୦.୦୦୦ | ଡଙ୍ଗର-୧ | ଯାମି ଲତା, ସ୍ୱା:ଯାମି ଶ୍ରୀନିବାସ ରାଓ, ଜା:ବୈଶ୍ୟ, ବା:ଭଦ୍ରାସାହି, ଜୟପୁର |
| ୨୫୩/୧୨୭୪ | ରୟତି | ୯୪୩/ ୨୮୨୯ | ୦.୦୨୦ | ୦.୦୦୦ | ଡଙ୍ଗର-୧ | ବିଜୟ କୁମାର ପାତ୍ର, ପି:ଉଦୟନାଥ ପାତ୍ର, ଜା:ବୈଶ୍ୟ, ବା:ବାମୁଣୀଗାଁ |
| ୨୫୩/୧୨୮୧ | ରୟତି | ୯୪୩/ ୨୮୩୫ | ୦.୦୪୧ | ୦.୦୦୦ | ଡଙ୍ଗର-୧ | ଏମ.ଶ୍ରୀନିବାସ ରାଓ, ପି:ଏମ୍ ରାଜା ରାଓ, ଜା:ବୈଶ୍ୟ, ବା:କେଲା ସାହି, ଜୟପୁର |
| ୨୫୩/୧୨୮୫ | ରୟତି | ୯୪୩/ ୨୮୩୯ | ୦.୦୨୦ | ୦.୦୦୦ | ଡଙ୍ଗର-୧ | ବିଜୟ କୁମାର ମହାପାତ୍ର, ପି:ଗୁପ୍ତେଶ୍ୱର ମହାପାତ୍ର, ଜା:ଚିତ୍ରକର, ବା:ନୂଆସାହି,ଜୟପୁର |
| ୮୫ | ରୟତି | ୧୧୪୦ | ୦.୨୨୦ | ୦.୦୦୦ | ଧାନ-୧ | ଦାମୋଦର ଚୌଧରୀ,ପି:ହରି ଚୌଧରୀ, ଜା:ପାଇକ, ବା:ନିଜଗାଁ |
| ୨୫୩/୧୩୪୮ | ରୟତି | ୧୧୨୭ | ୦.୮୦୦ | ୦.୦୦୦ | ଧାନ-୧ | ରିତା ଦାସ, ପି:ନରସିଂହ ଦାସ, ଜା:ବ୍ରାହ୍ମଣ, ବା:ନୂଆସାହି, ୫ମ ଲାଇନ, ଜୟପୁର |

OIPR-24001/24057/3/26-27/0004

Sd./- TAHASILDAR JEYPORE CUM SPL LAO JEYPORE-MALKANGIRI NEW BG RAIL LINK PROJECT

